ସତ୍ୟାଗ୍ରହ - ଅର୍ଥ ଓ ପ୍ରୟୋଗ

ଡଃ ଅତୁଲ ଚନ୍ଦ୍ର ପ୍ରଧାନ

୧୯୦୬ ମସିହା ସେପ୍ଟେମ୍ବର ମାସ ୧୧ ତାରିଖ ଦିନ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗ ସହରର ଇମ୍ପିରିଏଲ ଥିଏଟର ପ୍ରେକ୍ଷାଳୟରେ ମୋହନ ଦାସ କରମଚାନ୍ଦ ଗାନ୍ଧୀ ନାମଧେୟ ଜଣେ ଭାରତୀୟ ଗୁଜରାଟୀ ଯୁବ ବାରିଷ୍ଟର ପ୍ରବାସୀ ଭାରତୀୟମାନଙ୍କର ଏକ ସଭା ଆହ୍ୱାନ କରିଥିଲେ । ଏହି ସଭାରେ ଭାରତୀୟମାନଙ୍କ ପାଇଁ ଅପମାନଜନକ ବର୍ଣ୍ଣ ବୈଷମ୍ୟଭିତ୍ତିକ ପ୍ରସ୍ତାବିତ ଏସୀୟ ପଞ୍ଜିକରଣ ଆଇନ (Asiatic Registration Act) ବିରୋଧରେ ଅହିଂସା ନୀତିରେ ଆନ୍ଦୋଳନ ଚଳାଇବା ପାଇଁ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ଆନ୍ଦୋଳନକୁ ପ୍ରଥମେ ନିଷ୍କ୍ରିୟ ପ୍ରତିରୋଧ (Passive Resistance) ଆଖ୍ୟା ଦିଆଯାଇଥିଲା । ପରେ ଏହାକୁ 'ସଦାଗ୍ରହ' ଏବଂ ଶେଷରେ 'ସତ୍ୟାଗ୍ରହ' ଆଖ୍ୟା ଦିଆଗଲା । ଗାନ୍ଧିଜୀଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକାରେ ଏଭଳି ଆନ୍ଦୋଳନ ଚାଲିବା ଫଳରେ ଭାରତୀୟମାନେ କିଛିମାତ୍ରାରେ ବର୍ଣ୍ଣବୈଷମ୍ୟ ପୀଡ଼ାରୁ ରକ୍ଷା ପାଇଥିଲେ । ୧୯୧୫ ମସିହାରେ ଗାନ୍ଧିଜୀ ଭାରତକୁ ଫେରିଆସି ଅହମଦାବାଦରେ ସାବରମତୀ ନଦୀକୂଳରେ ସତ୍ୟାଗ୍ରହ ଆଶ୍ରମ ପ୍ରତିଷ୍ଠା କରିଥିଲେ । ପ୍ରଥମେ ସେ କେତେକ ସ୍ଥାନ (ଚମ୍ପାରଣ, ଖଇରା ଏବଂ ଅହମଦାବାଦ)ରେ ସତ୍ୟାଗ୍ରହ ଆନ୍ଦୋଳନ ଚଳାଇ ଲୋକମାନଙ୍କ ପାଇଁ ନ୍ୟାଯ୍ୟ ଅଧିକାର ହାସଲ କରିବାରେ ସଫଳ ହୋଇଥିଲେ । ପରେ ଜାତୀୟ କଂଗ୍ରେସ ମାଧ୍ୟମରେ ଭାରତକୁ ଇଂରେଜ ଶାସନରୁ ମୁକ୍ତ କରିବା ପାଇଁ ଗାନ୍ଧିଜୀ ସତ୍ୟାଗ୍ରହ ଆନ୍ଦୋଳନ ଚଳାଇଥିଲେ । ଫଳରେ ଦେଶ ସ୍ୱାଧୀନ ହେଲା ଏବଂ ଗାନ୍ଧିଜୀ ମହାତ୍ମା ଓ ଜାତିର ପିତା ହେଲେ ।

ସତ୍ୟାଗ୍ରହର ଅର୍ଥ ସତ୍ୟ ପାଇଁ ଦୃଢ଼ତା ଓ ନିଷ୍ଠା । ମାନବୀୟ ସଂସ୍କୃତିରେ ସତ୍ୟାଗ୍ରହ ଏକ ଶାଶ୍ୱତ ମୂଲ୍ୟବୋଧ । ପାରିବାରିକ ଓ ସାମାଜିକ ଜୀବନରେ ସତ୍ୟପ୍ରତି ନିଷ୍ଠାକୁ ସର୍ବଦା ଗୁରୁତ୍ୱ ଦିଆଯାଇଛି । ଗାନ୍ଧିଜୀ ସତ୍ୟ ଓ ଅହିଂସା ନୀତିରେ ଇଂରେଜ ସରକାରଙ୍କ ବିରୋଧରେ ଭାରତୀୟ ଜନତାଙ୍କୁ ସଂଗଠିତ କରିଥିଲେ । ତାଙ୍କ ଆନ୍ଦୋଳନରେ ଶାରୀରିକ କିମ୍ବା ପାଶବିକ ଶକ୍ତିର କୌଣସି ସ୍ଥାନ ନଥିଲା । ଆତ୍ମିକ ଓ ନୈତିକ ଶକ୍ତି ଏହାର ଭିତ୍ତିଭୂମି ଥିଲା । ଗାନ୍ଧିଜୀ ନୈତିକ ଶକ୍ତିର ପ୍ରବକ୍ତା ଥିଲେ ଏବଂ ଏହି ଶକ୍ତିର ପ୍ରୟୋଗ ଦ୍ୱାରା ଜଣେ ବ୍ୟକ୍ତି ନିଜର ପରିବେଶରେ ପରିବର୍ତ୍ତନ ଆଣିପାରିବ ବୋଲି ସେ ଭାବୁଥିଲେ । ନୈତିକ ଶକ୍ତିର ପ୍ରୟୋଗ ଦ୍ୱାରା କ୍ଷମତାସୀନ ଗୋଷ୍ଠୀକୁ ନିୟନ୍ତ୍ରିତ କରିବା ଗାନ୍ଧିଜୀଙ୍କର ଏକ ଅଭିନବ ପ୍ରୟାସ ଥିଲା । ପାଶ୍ଚାତ୍ୟ ରାଜନୈତିକ ପରମ୍ପରାରେ ବାହ୍ୟ ଓ ଆନୁଷ୍ଠାନିକ ବା ସାଙ୍ଗଠନିକ ଚାପ ଉପରେ ଗୁରୁତ୍ୱ ଦିଆ ଯାଇଥାଏ । କିନ୍ତୁ ହିନ୍ଦୁ ପରମ୍ପରାକୁ ଅନୁସରଣ କରି ଗାନ୍ଧିଜୀ ବ୍ୟକ୍ତିର ଆଭ୍ୟନ୍ତରୀଣ ଓ ନୈତିକ ଶକ୍ତି ଉପରେ ଗୁରୁତ୍ୱ ଆରୋପ କରିଥିଲେ । ବ୍ୟକ୍ତିର ନୈତିକ ଜୀବନ ସମାଜ ଉପରେ ପ୍ରଭାବ ବିସ୍ତାର କରେ ବୋଲି ସେ ଭାବୁଥିଲେ । ସତ୍ୟାଗ୍ରହ ଆନ୍ଦୋଳନ ଚଳାଇବା ପାଇଁ ଯଥେଷ୍ଟ ଆତ୍ମସଂଯମ ଓ ନୈତିକ ବଳ ଆବଶ୍ୟକ । ଜୁଲୁ ବିଦ୍ରୋହ ଏବଂ ବୁଅର୍ ଯୁଦ୍ଧରେ ସ୍ୱେଚ୍ଛାସେବୀଭାବେ ଓ ଫୋନିକ୍ସ ବସତିର ବାସିନ୍ଦା ଭାବେ କାର୍ଯ୍ୟକରି ଗାନ୍ଧିଜୀ ଯଥେଷ୍ଟ ମନୋବଳ ଅର୍ଜନ କରିଥିଲେ ଏବଂ ଆତ୍ମସଂଯମ ତଥା ବ୍ରହ୍ମଚର୍ଯ୍ୟ ପାଳନ କରିବା ପାଇଁ ଶପଥ ନେଇଥିଲେ ।

ପରବର୍ତ୍ତୀ କାଳରେ ଗାନ୍ଧିଜୀ କହିଥିଲେ, 'ବ୍ରହ୍ମଚର୍ଯ୍ୟ ବିନା ସତ୍ୟାଗ୍ରହୀ ଦୀପ୍ତିମାନ ଓ ଆତ୍ମିକ ବଳରେ ବଳୀୟାନ୍ ହୋଇପାରେ ନାହିଁ, ନିରସ୍ତ୍ର ଭାବରେ ପୃଥିବୀର ସମ୍ମୁଖୀନ ହୋଇପାରେ ନାହିଁ ଏବଂ ଠିକ୍ ସମୟରେ ସାହସ ଏବଂ ଶକ୍ତିର ପ୍ରୟୋଗ କରିପାରେ ନାହିଁ ।' (ହରିଜନ ୧୩ ଅକ୍ଟୋବର ୧୯୪୦) ଗବେଷକମାନେ ବିଭିନ୍ନ ସୂତ୍ରରୁ ଗାନ୍ଧିଜୀ ସତ୍ୟାଗ୍ରହର ଚିନ୍ତାଧାରା ଆହରଣ କରିଛନ୍ତି ବୋଲି ମତ ଦିଅନ୍ତି, ଯଥା- ଜୈନ ଧର୍ମ, ଉପନିଷଦ, ପାତଞ୍ଜଳିଙ୍କ ଯୋଗସୂତ୍ର, ଭଗବଦ୍‌ଗୀତା, ବାଇବେଲ୍ (New Testament), ଲିଓ ଟଲଷ୍ଟୟ,

ଜନ୍ ରସ୍କିନ୍ ଓ ହେନରି ଡେଭିଡ୍ ଥରୋ । ଗୁଜରାଟୀ କବି ଶମଲଭଟଙ୍କ ଏକ କବିତାର ପ୍ରଭାବ ସମ୍ବନ୍ଧରେ ଗାନ୍ଧିଜୀ ଏକଦା ତାଙ୍କର ଜନୈକ ଆଦ୍ୟ ଜୀବନୀ ଲେଖକ ଜୋସେଫ୍ ଡୋକ୍‌ଙ୍କୁ କହିଥିଲେ । କବିତାଟିର ମର୍ମହେଲା - ଜଣେ ବ୍ୟକ୍ତି ତୁମକୁ ପିଇବା ପାଇଁ ପାଣି ଦେଲେ ଏବଂ ପ୍ରତିବଦଳରେ ତୁମେ ତାଙ୍କ ପିଇବା ପାଇଁ ପାଣି ଦେଲ, ଏଥିରେ କୌଣସି ବୈଶିଷ୍ଟ୍ୟ ନାହିଁ । କିନ୍ତୁ କ୍ଷତିକାରୀ ବ୍ୟକ୍ତିଙ୍କୁ ଉତ୍ତମ ବ୍ୟବହାର ଦେଖାଇବାରେ ପ୍ରକୃତ ମହନୀୟତା ନିହିତ । ଶୈଶବରେ ପୌରାଣିକ ମହାରାଜା ହରିଶ୍ଚନ୍ଦ୍ରଙ୍କ ତ୍ୟାଗ ଓ ସତ୍ୟନିଷ୍ଠାର କାହାଣୀ ଦ୍ୱାରା ଗାନ୍ଧିଜୀ ଗଭୀର ଭାବରେ ଅନୁପ୍ରାଣିତ ହୋଇଥିଲେ । ଯୁବକ ଗାନ୍ଧୀ ରାଇଚାନ୍ଦ ଭାଇ ନାମଧେୟ ଗୁଜରାଟୀ ମୋତି ବ୍ୟବସାୟୀ ଏବଂ କବିଙ୍କ ନୈତିକ ଚରିତ୍ରଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ ବୋଲି ତାଙ୍କ ଆତ୍ମଜୀବନୀରୁ ସୂଚନା ମିଳେ । ଏତଦ୍‌ବ୍ୟତୀତ ତିନି ଜଣ ମନନଶୀଳ ପାଶ୍ଚାତ୍ୟ ବୁଦ୍ଧିଜୀବିଙ୍କ ରଚନା ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶକୁ ବହୁତ ମାତ୍ରାରେ ପ୍ରଭାବିତ କରିଥିଲା, ଯଥା- ଋଷୀୟ ଔପନ୍ୟାସିକ ଲିଓ ଟଲଷ୍ଟୟ, ମାର୍କିନ୍ ରାଷ୍ଟ୍ରବିରୋଧୀ ଭାବୁକ ହେନରି ଡେଭିଡ୍ ଥରୋ ଓ ଇଂରେଜ ଲେଖକ ଜନ୍ ରସ୍କିନ୍ । ଟଲଷ୍ଟୟଙ୍କ ରଚିତ ପୁସ୍ତକ Kingdom of God is within you ଦ୍ୱାରା ସେ ଏଭଳି ଗଭୀର ଭାବରେ ପ୍ରଭାବିତ ହୋଇଥିଲେ ଯେ ନିଜକୁ ଟଲଷ୍ଟୟଙ୍କ ଅନୁଗାମୀ ଭାବି ତାଙ୍କ ସହିତ ଚିଠିପତ୍ର ବିନିମୟ କରିଥିଲେ । ଦକ୍ଷିଣ ଆଫ୍ରିକାରେ ଗାନ୍ଧିଜୀଙ୍କ ଆନ୍ଦୋଳନକୁ ସମର୍ଥନ କରି ଟଲଷ୍ଟୟ ତାଙ୍କୁ ଏକ ଭବିଷ୍ୟତବାଣୀ ଦେଇଥିଲେ । ଏହି ବାଣୀଟି ହେଲା - ବିଶ୍ୱର ଦୀନଦଳିତ ଜନତାଙ୍କୁ ଏହି ଆନ୍ଦୋଳନ ଆଶାର ଆଲୋକ ଦେଖାଇବ । ରାଷ୍ଟ୍ର ବିରୋଧୀ ଚିନ୍ତାଧାରାର ମାର୍କିନ ପ୍ରବକ୍ତା ହେନେରୀ ଡେଭିଡ୍ ଥରୋ ୧୮୪୯ ମସିହାରେ ଏକ ସଭାରେ ଭାଷଣ ଦେଲାବେଳେ ଆଇନର ବିରୋଧୀତା (Civil disobedience) ପଦଟି ବ୍ୟବହାର କରିଥିଲେ । ତାଙ୍କ ମତରେ ସରକାର କିମ୍ବା କୌଣସି ଅନୁଷ୍ଠାନ ଉତ୍ତମ କାର୍ଯ୍ୟ କଲେ ସମସ୍ତେ ସେମାନଙ୍କ ସହିତ ସହଯୋଗ କରିବା ଉଚିତ କିନ୍ତୁ ସେମାନେ ଯଦି କ୍ଷତିକାରକ କାର୍ଯ୍ୟରେ ଲିପ୍ତ ହୁଅନ୍ତି ସେମାନଙ୍କୁ ବିରୋଧ କରିବା ଆବଶ୍ୟକ, ସେହି ବିରୋଧ ପାଇଁ ଆଇନକୁ ଅମାନ୍ୟ କରାଯାଇପାରେ ଏବଂ ହିଂସାର ମାର୍ଗ ମଧ୍ୟ ଅବଲମ୍ବନ କରାଯାଇପାରେ । ଦକ୍ଷିଣ ଆଫ୍ରିକାରେ ଥିଲାବେଳେ ଜନ୍ ରସ୍କିନ୍‌ଙ୍କ ପୁସ୍ତକ Unto this last ଅଧ୍ୟୟନ କରି ଗାନ୍ଧିଜୀ ନିମ୍ନଲିଖିତ ତିନୋଟି ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ -

> ଗାନ୍ଧିଜୀ ନୈତିକ ଶକ୍ତିର ପ୍ରବକ୍ତା ଥିଲେ ଏବଂ ଏହି ଶକ୍ତିର ପ୍ରୟୋଗ ଦ୍ୱାରା ଜଣେ ବ୍ୟକ୍ତି ନିଜର ପରିବେଶରେ ପରିବର୍ତ୍ତନ ଆଣିପାରିବ ବୋଲି ସେ ଭାବୁଥିଲେ । ନୈତିକ ଶକ୍ତିର ପ୍ରୟୋଗ ଦ୍ୱାରା କ୍ଷମତାସୀନ ଗୋଷ୍ଠୀକୁ ନିୟନ୍ତ୍ରିତ କରିବା ଗାନ୍ଧିଜୀଙ୍କର ଏକ ଅଭିନବ ପ୍ରୟାସ ଥିଲା ।

୧. ସାମୂହିକ କଲ୍ୟାଣରେ ବ୍ୟକ୍ତିଗତ କଲ୍ୟାଣ ନିହିତ ।

୨. ଆଇନଜୀବୀ ହୁଅନ୍ତୁ କିମ୍ବା ଧୋବା ଭଣ୍ଡାରୀ ହୁଅନ୍ତୁ, ସମସ୍ତଙ୍କ କର୍ମର ମର୍ଯ୍ୟାଦା ସମାନ କାରଣ ଶ୍ରମଦ୍ୱାରା ଜୀବିକା ଅର୍ଜନ କରିବା ପାଇଁ ସମସ୍ତଙ୍କର ସମାନ ଅଧିକାର ରହିଛି ।

୩. କୃଷକ ହୁଅନ୍ତୁ କିମ୍ବା ହସ୍ତକର୍ମଶିଳ୍ପୀ ହୁଅନ୍ତୁ ଯେଉଁମାନେ ଶାରୀରିକ ଶ୍ରମ କରନ୍ତି ସେମାନଙ୍କର ଜୀବନ ଆଦର୍ଶ ଜୀବନ ।

ଗାନ୍ଧିଜୀଙ୍କ ପ୍ରଦର୍ଶିତ ସତ୍ୟାଗ୍ରହ ମାର୍ଗକୁ କେତେକ ବ୍ୟକ୍ତି ସମାଲୋଚନା କରିଛନ୍ତି, କେତେକ ବ୍ୟକ୍ତି ଭୁଲ୍ ବୁଝିଛନ୍ତି ଏବଂ ବହୁବ୍ୟକ୍ତି ଭୁଲ ଭାବରେ ପ୍ରୟୋଗ କରିଛନ୍ତି । ତାଙ୍କ ନେତୃତ୍ୱରେ କଂଗ୍ରେସ ସତ୍ୟାଗ୍ରହ ଆନ୍ଦୋଳନ ଚଳାଉଥିଲା ବେଳେ କେତେକ ବ୍ୟକ୍ତି ହିଂସା ମାର୍ଗରେ ସମାନ୍ତରାଳ ଆନ୍ଦୋଳନ ଚଳାଉଥିଲେ । ଗାନ୍ଧିଜୀ ଯେଉଁଭଳି ଭାବରେ ବାରମ୍ବାର 'ଈଶ୍ୱର', 'ସତ୍ୟ' ଓ 'ଅହିଂସା' ଶବ୍ଦମାନ ପ୍ରୟୋଗ କରୁଥିଲେ କିଛି ଲୋକ ତାହା ଆଦୌ ପସନ୍ଦ କରୁନଥିଲେ । ସତ୍ୟାଗ୍ରହ ହେଉଛି ସତ୍ୟର ସକ୍ରିୟ ପ୍ରୟୋଗ କିନ୍ତୁ ଏଥିରେ ହିଂସାର ସ୍ଥାନ ନାହିଁ । ଯଦିଓ ପ୍ରଥମେ ଗାନ୍ଧିଜୀ 'ନିଷ୍କ୍ରିୟ ପ୍ରତିରୋଧ' (passive resistance) ପଦ ବ୍ୟବହାର କରିଥିଲେ, ପରବର୍ତ୍ତୀ କାଳରେ ସେ 'ନିଷ୍କ୍ରିୟ ପ୍ରତିରୋଧ' ଓ 'ସତ୍ୟାଗ୍ରହ' ମଧ୍ୟରେ ନିମ୍ନଲିଖିତ ପାର୍ଥକ୍ୟମାନ ଦର୍ଶାଇଥିଲେ :

୧. ନିଷ୍କ୍ରିୟ ପ୍ରତିରୋଧରେ ପ୍ରେମ ବା ଅହିଂସାଭାବ ନାହିଁ । ସତ୍ୟାଗ୍ରହରେ ହିଂସାଭାବର ସ୍ଥାନ ନାହିଁ ।

୨. 'ନିଷ୍କ୍ରିୟ ପ୍ରତିରୋଧ' ଅନେକ କ୍ଷେତ୍ରରେ ସଶସ୍ତ୍ର ପ୍ରତିରୋଧର ଅଗ୍ରଦୂତ ଭଳି କାର୍ଯ୍ୟ କରେ କିନ୍ତୁ ସତ୍ୟାଗ୍ରହରେ ସଶସ୍ତ୍ର ବିରୋଧର ପ୍ରଶ୍ନ ନାହିଁ ।

୩. 'ନିଷ୍କ୍ରିୟ ପ୍ରତିରୋଧ' କେବଳ ଶତ୍ରୁ ବିରୋଧରେ ପ୍ରୟୋଗ କରାଯାଏ କିନ୍ତୁ ସତ୍ୟାଗ୍ରହ ଆମେ ଯାହାଙ୍କୁ ଭଲ ପାଉଁ ଏପରିକି ଆତ୍ମୀୟ ସ୍ୱଜନମାନଙ୍କ କ୍ଷେତ୍ରରେ ପ୍ରୟୋଗ କରାଯାଇପାରେ । କାରଣ ସତ୍ୟାଗ୍ରହର ଉଦ୍ଦେଶ୍ୟ ହୃଦୟ ପରିବର୍ତ୍ତନ, ଶତ୍ରୁତା ସାଧନ ନୁହେଁ ।

ସତ୍ୟାଗ୍ରହ ହେଉଛି ଆତ୍ମିକ ଶକ୍ତି । ସତ୍ୟ ଓ ଅହିଂସାର ସାଧନା ଓ ଈଶ୍ୱର ବିଶ୍ୱାସ ମାଧ୍ୟମରେ ଏହି ଶକ୍ତିର ବିକାଶ ସମ୍ଭବ । ସତ୍ୟାଗ୍ରହର ମୂଳନୀତିକୁ ଅନୁସରଣ ନକରି ଏବେ ବହୁଲୋକ ନିଜକୁ ସତ୍ୟାଗ୍ରହୀ ବୋଲାଉଛନ୍ତି । ଫଳରେ ବିଭିନ୍ନ ପ୍ରକାର ବିଭ୍ରାଟ ସୃଷ୍ଟି ହେଉଛି । ଗାନ୍ଧିଜୀ ସତ୍ୟାଗ୍ରହୀମାନଙ୍କ ପାଇଁ କେତେଗୁଡ଼ିଏ ନୀତି ନିର୍ଦ୍ଧାରଣ କରିଥିଲେ । ଯଥା-

୧. ସତ୍ୟନିଷ୍ଠା (ଗାନ୍ଧିଜୀଙ୍କ ମତରେ ସତ୍ୟ ହିଁ ଈଶ୍ୱର)

୨. ଅହିଂସା (ସତ୍ୟାଗ୍ରହୀ ନିଜେ ଶତ୍ରୁଦ୍ୱାରା ପୀଡ଼ିତ ହେଲେ ମଧ୍ୟ ଶତ୍ରୁକୁ ପୀଡ଼ା ଦିଏ ନାହିଁ) ।

୩. ସତ୍‌ମାର୍ଗରେ ଲକ୍ଷ୍ୟପ୍ରାପ୍ତି (ଉଦ୍ଦେଶ୍ୟ ଯେତେ ମହାନ୍ ହେଉ ପଛେ ତାହା ହାସଲ କରିବା ପାଇଁ ସତ୍ୟାଗ୍ରହୀ ଅସତ୍ ପନ୍ଥା ଅବଲମ୍ବନ କରେ ନାହିଁ) ।

୪. ଆତ୍ମସଂଯମ ଓ ବ୍ରହ୍ମଚର୍ଯ୍ୟ ପାଳନ

୫. ନିର୍ଭୀକତା (ସତ୍ୟାଗ୍ରହୀ କାହାକୁ ଭୟ କରେ ନାହିଁ କିମ୍ବା କାହାକୁ ଭୟ ପ୍ରଦର୍ଶନ କରେ ନାହିଁ । ଗାନ୍ଧିଜୀଙ୍କ ମତରେ କାପୁରୁଷ ପଣିଆଠାରୁ ହିଂସା ଶ୍ରେୟସ୍କର ଏବଂ କାପୁରୁଷପଣିଆ ସବୁଠାରୁ ବଡ଼ ହିଂସା ଭାବର ପରିଚାୟକ) ।

୬. ନିର୍ଲୋଭତା (ସତ୍ୟାଗ୍ରହୀ ଚୌର୍ଯ୍ୟ ବୃତ୍ତି ଅବଲମ୍ବନ କରେ ନାହିଁ, ସମ୍ପତ୍ତି ବାଡ଼ିର ମାଲିକ ହୁଏ ନାହିଁ କିମ୍ବା ଭବିଷ୍ୟତ ପାଇଁ ସଞ୍ଚୟ କରେ ନାହିଁ) ।

୭. ସତ୍ୟାଗ୍ରହୀ ଶାରୀରିକ ଶ୍ରମ କରିବା ପାଇଁ କୁଣ୍ଠାବୋଧ କରେ ନାହିଁ । ଜୀବିକା ନିର୍ବାହ କରିବା ପାଇଁ ସେ ଶାରୀରିକ ଶ୍ରମକୁ ଅପରିହାର୍ଯ୍ୟ ଭାବରେ ଗ୍ରହଣ କରେ ।

୮. ସ୍ୱଦେଶୀ (ସତ୍ୟାଗ୍ରହୀ ନିଜ ଦେଶ କିମ୍ବା ପରିବେଶର ସେବା କରେ ଏବଂ ନିଜ ଦେଶରେ ପ୍ରସ୍ତୁତ ଦ୍ରବ୍ୟମାନ ବ୍ୟବହାର କରେ) ।

୯. ସର୍ବଧର୍ମ ସମାନତ୍ୱ (ସତ୍ୟାଗ୍ରହୀ ସବୁଧର୍ମକୁ ସମାନ ଦୃଷ୍ଟିରେ ଦେଖେ ଏବଂ ଅନ୍ୟର ଧର୍ମ ପ୍ରତି ଅସହିଷ୍ଣୁ ହୁଏ ନାହିଁ) ।

୧୦. ଅସ୍ପୃଶ୍ୟତା ବିରୋଧ (ସବୁ ମଣିଷ ଈଶ୍ୱରଙ୍କର ସନ୍ତାନ ତେଣୁ ସତ୍ୟାଗ୍ରହୀର ଦୃଷ୍ଟିରେ କୌଣସି ବ୍ୟକ୍ତି ଅସ୍ପୃଶ୍ୟ ନୁହନ୍ତି) ।

ସତ୍ୟାଗ୍ରହର ପଥ ବିପଦଶଙ୍କୁଳ । ସତ୍ୟାଗ୍ରହୀର ବିଭିନ୍ନ ବାଧା ବିପଦ ସମ୍ବନ୍ଧରେ ଗାନ୍ଧିଜୀ ଏକଦା କହିଥିଲେ, 'ପ୍ରଥମେ ଲୋକେ ତୁମକୁ ହେୟ ବା ତୁଚ୍ଛ ଜ୍ଞାନ କରିବେ, ତା'ପରେ ପରିହାସ କରିବେ, ତା'ପରେ ଗାଳି ଦେବେ । ତା'ପରେ ଜେଲ ଦଣ୍ଡ ଦେବେ କିମ୍ବା ହତ୍ୟା କରିବା ପାଇଁ ଉଦ୍ୟମ କରିବେ । ଏହି ପାଞ୍ଚଟି ସୋପାନ ଅତିକ୍ରମ କଲାପରେ ସବୁଠାରୁ ବିପଜ୍ଜନକ ଅବସ୍ଥା ଆସିବ, ଯେତେବେଳେ ଲୋକେ ତୁମକୁ ସମ୍ମାନ ଦେବେ, ଏହି ଅବସ୍ଥାରେ ସାବଧାନ ନହେଲେ ତୁମେ ନିଜେ ହିଁ ନିଜର ଶତ୍ରୁ ହେବ ।'

ଗାନ୍ଧିଜୀଙ୍କ ମତରେ ସତ୍ୟାଗ୍ରହ ଏକ ସକ୍ରିୟ ସକାରାତ୍ମକ ଆନ୍ଦୋଳନ । ସ୍ୱାଧୀନତା ଆନ୍ଦୋଳନ କାଳରେ ସେ ସତ୍ୟାଗ୍ରହୀମାନଙ୍କ ପାଇଁ ଏକ ରଚନାତ୍ମକ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିଥିଲେ । ଏହି କାର୍ଯ୍ୟପନ୍ଥା ଠିକ୍ ଭାବରେ କାର୍ଯ୍ୟକାରୀ ହେଲେ କୌଣସି ବାହ୍ୟ ଆନ୍ଦୋଳନର ଆବଶ୍ୟକତା ରହିବ ନାହିଁ ବୋଲି ସେ ମତ ଦେଇଥିଲେ । କିନ୍ତୁ ସ୍ୱାଧୀନତାର ପ୍ରାକ୍‌କାଳରେ ବିଦେଶୀ ଔପନିବେଶିକ ସରକାରକୁ ହଟାଇବା ପାଇଁ ସତ୍ୟାଗ୍ରହ ଆନ୍ଦୋଳନ ନକାରାତ୍ମକ ରୂପ ଧାରଣ କରିଥିଲା ଏବଂ ବହୁତ ଲୋକେ ସତ୍ୟାଗ୍ରହକୁ ନୀତି ଭାବରେ ଗ୍ରହଣ ନକରି ଏକ ରାଜନୈତିକ ଆବଶ୍ୟକତା ଭାବରେ ଗ୍ରହଣ କରିଥିଲେ । ସ୍ୱାଧୀନ ଓ ଗଣତାନ୍ତ୍ରିକ ଭାରତରେ ଗାନ୍ଧିଜୀଙ୍କ ପ୍ରଦର୍ଶିତ ସତ୍ୟାଗ୍ରହ ମାର୍ଗରେ ରଚନାତ୍ମକ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ଯଥେଷ୍ଟ ଆବଶ୍ୟକତା ଏବଂ ସୁଯୋଗ ରହିଛି । ଏବେ ସାମାଜିକ ଓ ରାଜନୈତିକ ପରିସ୍ଥିତି ଦୁଇ ପରସ୍ପର ବିରୋଧୀ ଦିଗରେ ଗତି କରୁଛି । ରଚନାତ୍ମକ କାର୍ଯ୍ୟକ୍ରମ ଓ ଶୃଙ୍ଖଳିତ ବିକାଶ ପାଇଁ ଉଦ୍ୟମ ଚାଲିଥିଲା ବେଳେ ହିଂସାକାଣ୍ଡ ଓ ଧ୍ୱଂସାତ୍ମକ କାର୍ଯ୍ୟକଳାପ ସମାଜର ମୂଳଦୁଆକୁ ଦୋହଲେଇ ଦେଉଛି । ଏଭଳି ସ୍ଥିତିରେ ରଚନାତ୍ମକ କାର୍ଯ୍ୟକଳାପକୁ ଗଭୀର ଓ ବ୍ୟାପକ କରିବା ଆବଶ୍ୟକ, ଯାହାଫଳରେ ମଣିଷ ଭିତରେ ରହିଥିବା ସକାରାତ୍ମକ ଗୁଣଗୁଡ଼ିକର ବିକାଶ ସମ୍ଭବ ହେବ, ଧ୍ୱଂସାଭିମୁଖୀ ଶକ୍ତିମାନ ମୁଣ୍ଡ ଟେକିପାରିବେ ନାହିଁ ଏବଂ ଯୁଗଯୁଗ ଧରି ଦାରିଦ୍ର୍ୟ, ଅଜ୍ଞତା, ବ୍ୟାଧି, ସଂକୀର୍ଣ୍ଣତା ଓ ବୈଷମ୍ୟ ବିରୋଧରେ ମଣିଷର ସଂଗ୍ରାମ ଫଳବତୀ ହେବ ।

ଏମ୍.ଆଇ.ଜି.-୬୮
ବରମୁଣ୍ଡା ହାଉସିଂବୋର୍ଡ଼ କଲୋନୀ
ଭୁବନେଶ୍ୱର - ୭୫୧୦୦୩